# Akashvani, Sambalpur

## SAMBALPURI NEWS MORNING BULLETIN

## 6 March 2026 - 6.47- 6.52 am.

---

ଅମିତ୍ ଶାହା-ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏଜ୍ଠାନୁ ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । କଟକ୍ ମୁଣ୍ଡୁଲିଠାନେ ଥିବା ସିଆଇଏସ୍ଏଫ୍ର ୫୭ ତମ ଥାପ୍ନା ଦିବସ୍ଥି ଶ୍ରୀ ଶାହା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ସ୍ୱରାଷ୍ଟ୍ରମନ୍ତ୍ରୀ ଉପର୍ବେଲା ଜଟଣୀ ଠାନେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟ ଆଉ କେନ୍ଦ୍ରୀୟ ଫରେନ୍ସିକ୍ ବିଜ୍ଞାନ୍ ପରୀକ୍ଷାଗାରର୍ ଭୁବ୍ନେଶ୍ୱର୍ କେମ୍ପସ୍ ଲାଗି ଭୂମିପୂଜନ୍ କର୍ବେ । ତାର୍ ଉତ୍ରୁ ସେ ଭୁବ୍ନେଶ୍ୱର୍ର ଇଡ୍କୋ ପ୍ରଦର୍ଶନୀ ପଡ଼ିଆ ନ ନ୍ୟାୟ ସଂହିତା ପ୍ରଦର୍ଶନୀକେ ଉଦ୍ଘାଟନ୍ କର୍ବେ । ଇ ଅବ୍ସରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ୩ ହଜାର୍ ୨ ଶହ ୭୫ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କର୍ବାର୍ ସହେତେ

କେତେଟା ବୁଝାମଣା ପତ୍ରର୍ ଭିଲ୍ ସ୍ୱାକ୍ଷର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଭିନ୍ ଭିନ୍ ମନ୍ତ୍ରୀମାନେ ଯୋଗ୍ ଦେବେ ।

ରାଜ୍ୟସଭା ପ୍ରାର୍ଥୀ ନାମାଙ୍କନ୍ ପତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ଗଲାକାଏଲ୍ ନାମାଙ୍କନ୍ ପତ୍ର ଦାଖଲ୍ ଶେଷ୍ ହେଇଛେ । ଆଏଜ୍ ପ୍ରାର୍ଥୀପତ୍ର ଯାଂଚ୍ ସହେତେ ୯ ତାରିଖ୍‌କେ ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ରଖାଯାଇଛେ । ଆଏବା ୧୬ ତାରିଖ୍ ଦିନ ଇ ଆସନ୍‌ମାନ୍‌କର୍ ଲାଗି ନିର୍ବାଚନ୍ ହେବା । ସେଥିର୍‌ଭିତ୍‌ରେ ଓଡ଼ିଶାର୍ ୪ ଟା ରାଜ୍ୟସଭା ଆସନ୍ ରହିଛେ ।

ରାଜ୍ୟସଭା ନିର୍ବାଚନ୍ ଲାଗି ବିଜେପି ପ୍ରାର୍ଥୀ ମନ୍‌ମୋହନ୍ ସାମଲ୍ ଆଉ ସୁଜିତ୍ କୁମାର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ସ୍ୱାଧୀନ୍ ପ୍ରାର୍ଥୀ ଭାବେ ଦିଲ୍ଲୀପ୍ ରାୟ, ବିଜେଡ଼ି ତର୍‌ଫୁ

ମନୋନୀତ୍ ଡକ୍ଟର୍ ସନ୍ତୃପ୍ତ ମିଶ୍ର ଆଉ କଂଗ୍ରେସ୍ ଆଉ ବିଜେଡ଼ି ସମର୍ଥନ୍‌ଥି ସାଧାରଣ୍ ପ୍ରାର୍ଥୀ ଭାବେ ଡାକ୍ତର୍ ଦତେଶ୍ୱର୍ ହୋତା ରାଜ୍ୟସଭା ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ସଚିବସ୍ତରୀୟ ବୈଠକ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ସମ୍ମିଲନୀ କକ୍ଷ ନ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟର୍ ଆର୍ଥିକ୍ ଥିତି ଆଉ ଫେବୃଆରୀ ମାସ୍ ଶେଷ୍‌ତକ୍ ହେଇଥିବା ୨୦୨୫ -୨୬ ଆର୍ଥିକ୍ ବଛର୍ ବଜେଟ୍ ଅନୁମୋଦିତ ଖର୍ଚ୍ଚାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଧାରିଜ୍ ସମିଆ ଭିତ୍‌ରେ ଇ ମାସର୍ ଶେଷ୍‌ତକ୍ ବଜେଟ୍ ଅନୁମୋଦିତ୍ ଖର୍ଚ୍ଚାର୍ ଉପଯୋଗ୍ କର୍‌ବାର୍ ଆଉ ଆଏବା ଆର୍ଥିକ୍ ବଛର୍ ଲାଗି ବଜେଟ୍‌ଥି ପ୍ରସ୍ତାବିତ୍ ନୂଆଁ ଯୋଜ୍‌ନା କାର୍ଯ୍ୟକ୍ରମ୍ ମାନ୍‌କୁ ସଫଲ୍ ରୂପାୟନ୍ କର୍‌ବାର୍ ଲାଗି ସବୁ ବିଭାଗ୍‌କେ ମୁଖ୍ୟ ଶାସନ୍ ସଚିବ ପରାମର୍ଶ ଦେଇଛନ୍ ।

ମାଓ ଦମନ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ବଛ୍‌ରେ ମାଓ ଦମନ୍ କ୍ଷେତ୍ରଥି ରାଜ୍ୟ ପୁଲିସ୍‌କେ ବ୍ୟାପକ୍ ସଫଲତା ମିଲିଛେ । ଓଡ଼ିଶା ପୁଲିସ୍ ତରଫୁ ଚାଲିଥିବା ମାଓ ଦମନ୍ ଅଭିଯାନ୍‌ଥି ବହୁତ୍ ଲୁକ୍‌କୁ ଗିରଫ୍ କରାଯାଇଛେ । ସେନ୍ତା ବହୁତ୍ ଝନ୍ ମାଓବାଦୀ ଭିଲ୍ ଆତ୍ମସମର୍ପଣ୍ କରିଛନ୍ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କହିଛନ୍ ।
(ଭଏସ୍ ଓଭର୍- ପୁଲିସ୍ ମହାନିର୍ଦ୍ଦେଶକ୍)

ମହିଲା ଜନଶୁଣାଣି          ଆଇ.ଆଣ୍ଡ୍.ପି.ଆର୍
ମହିଲାମାନ୍‌କର୍ ଅଧିକାର୍ କଲ୍ୟାଣ୍ ଆଉ ଅଲ୍‌ଗା ସମସ୍ୟା ସାଙ୍ଗେ ଜଡ଼ିତ ଅଭିଯୋଗ୍ ମାନ୍‌କର୍ ଶୁଣାଣି ଲାଗି ଆଏଜ୍ ସଖାଲର୍ ୧୦ ବଜେ ଜନଶୁଣାଣି କାର୍ଯ୍ୟକ୍ରମ୍ ହେବା । ଜାତୀୟ ମହିଲା ଆୟୋଗ୍ ଆଉ ରାଜ୍ୟ ମହିଲା ଆୟୋଗ୍‌ର ମିଲିତ୍ ସହଯୋଗ୍‌ଥି ଭୁବ୍‌ନେଶ୍ୱର୍ ଲକ୍ଷ୍ମୀସାଗର୍ ନ ଥିବା ରାଜ୍ୟ ମହିଲା ଆଉ ଶିଶୁ ପ୍ରତିଷ୍ଠାନ୍ ସଭାଗୃହ ନ ହେବାର୍‌କେ ଥିବା ଜନଶୁଣାଣିଥି ଅଭିଯୋଗ୍ ମାନ୍‌କର୍

ସମାଧାନ୍ ଲାଗି ଅଭିଯୋଗ୍‌କାରୀ ମହିଳା ଆଉ ଅଲ୍‌ଗା ପକ୍ଷ ମାନେ ଉପସ୍ଥିତ ରହିକରି ନିଜର୍ ପକ୍ଷ ଉପସ୍ଥାପନ୍ କରିପାର୍‌ବେ ।

ବେଲ୍‌ପାହାଡ୍ ଥାନା- ନୂଆଁ କୋଠା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲାର୍ ବେଲ୍‌ପାହାଡ୍ ଥାନାର୍ ନୂଆଁ କୋଠା ଆଏଜ୍ ଉଦ୍‌ଘାଟିତ୍ ହେବା । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଭାସୀ ଜରିଏ ଇତାର୍ ଉଦ୍‌ଘାଟନ୍ କର୍‌ବେ ବଲି ପୁଲିସ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଅନ୍ତର୍ଜାତୀୟ ମହିଳା ଦିବସ୍-ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୮ ତାରିଖ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲା ନ ଆଏଜ୍‌ଠାନୁ ସମ୍ବଲ୍‌ପୁର୍ ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ମୁଲ୍ ହେବା । ଫିଟ୍ ଇଣ୍ଡିଆ ମୁଭ୍‌ମେଂଟ୍ ଅଧୀନ୍‌ଥି ଭାରତୀୟ କ୍ରୀଡ଼ା ପ୍ରାଧିକରଣ୍‌ର ନିର୍ଦ୍ଦେଶାବଳୀ ଅନ୍‌ସାରେ ରାଜ୍ୟ କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍‌ଫୁ ୩ ଦିନିଆ କାର୍ଯ୍ୟକ୍ରମ୍

ହେଇକରି ୮ ତାରିଖ୍ ଦିନ ମୁଖ୍ୟ ଉତ୍ସବ୍ ସହେତେ ଉଦ୍ଯାପିତ୍ ହେବା । ମହିଲାମାନ୍‌କର୍ ଶାରୀରିକ୍ ସୁସ୍ଥତା, ସୁରକ୍ଷା, ନେତୃତ୍ୱ, କ୍ରୀଡ଼ା ଆଉ ସାମାଜିକ୍ କ୍ଷେତ୍ରଥି ସକ୍ରିୟ ଭୂମିକାକେ ତହଁକାବାର୍ ଲାଗି ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ ବଲି ଜିଲ୍ଲା ପ୍ରଶାସନ୍ ତରଫୁ କୁହାଯାଇଛେ । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ସ୍କୁଲ୍ କଲେଜ୍ ଆଉ ଅନୁଷ୍ଠାନ୍‌ର ସଦସ୍ୟା ମାନେ ଭାଗ୍ ନେବେ ।

ଟି-୨୦ ବିଶ୍ୱକପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇସିସି ବିଶ୍ୱକପ୍ ପୁରୁଷ କ୍ରିକେଟ୍‌ଥି ଭାରତ୍ ଫାଇନାଲ୍‌ଥି ପୁହୁଁଚିଛେ । ଗଲାକାଏଲ୍ ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡ଼ିୟମ୍ ନ ଭାରତ୍ ଆଉ ଇଂଲଣ୍ଡ୍ ଭିତ୍‌ରେ ହେଇଥିବା ଦୁଇ ନମ୍ବର୍ ସେମି ଫାଇନାଲ୍ ମେଚ୍‌ଥି ଭାରତ୍ ଇଂଲଣ୍ଡକେ ୭ ରନ୍‌ଥି ହରେଇଛେ । ଆଏବା ୮ ତାରିଖ୍ ରଏବାର୍ ଦିନ ହେବାର୍‌କେ ଥିବା ଫାଇନାଲ୍ ମେଚ୍‌ଥି ଭାରତ୍- ନ୍ୟୁଜିଲାଣ୍ଡ୍ ଦଲ୍‌କେ ଭେଟ୍‌ବା ।

ବିଶ୍ୱ ତୀରନ୍ଦାଜୀ ପାରା ଚାମ୍ପିଆନ୍‌ସିପ ଆର୍‌ଏନ୍‌ୟୁ/ ସମ୍ବଲପୁର

ଥାଇଲାଣ୍ଡ୍‌ର ବେଙ୍କକ୍ ଠାନେ ଆଏବା ୨୯ ନୁ ଏପ୍ରିଲ୍ ୫ ତାରିଖ୍‌ତକ୍ ବିଶ୍ୱ ତୀରନ୍ଦାଜୀ ପାରା ଚାମ୍ପିଆନ୍‌ସିପ୍ ହେବାର୍‌କେ ଯାଉଛେ । ଇଥିର୍‌ଲାଗି ଘୋଷ୍‌ନା ହେଇଥିବା ଭାରତୀୟ ଦଲ୍‌ଥି ଓଡ଼ିଶାର୍ ମହିଲା ପାରା ତୀରନ୍ଦାଜ୍ ପାୟଲ୍ ନାଗ୍ ଠାନ୍ ପାଇଛନ୍ । ସେ ମହିଲା କମ୍ପାଉଣ୍ଡ୍ ଓପନ୍ ବର୍ଗଥି ପ୍ରତିଦ୍ୱନ୍ଦିତା କର୍‌ବେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ୨୩ ସହରର୍ ତାପମାତ୍ରା ୩୫ ଡିଗ୍ରୀ ଉପ୍‌ରେ ରେକର୍ଡ୍ କରାଯାଇଥିଲା ।